# NATIONAL NEWS BULLETIN (ODIA)

## 1 July 2026

## Morning Bulletin : 7.15 A.M.

********************************

## ମୁଖ୍ୟ ସମ୍ବାଦ

- ଦେଶ ବ୍ୟାପି ଆଜିଠାରୁ ଲାଗୁ ହେଉଛି ଭି ବି ଜି ରାମଜି ଆଇନ୍ ।

– ଆଇନ୍ ଅଧୀନରେ ମଜୁରୀ ବୃଦ୍ଧି ନେଇ ବିଜ୍ଞପ୍ତି ପ୍ରକାଶ କଲେ କେନ୍ଦ୍ର ସରକାର ।

- ଶାନ୍ତି, ସ୍ଥିରତା ଏବଂ ଆଞ୍ଚଳିକ ସହଯୋଗକୁ ସମର୍ଥନ କରିବାରେ ପ୍ରଧାନମନ୍ତ୍ରୀଙ୍କ ପ୍ରୟାସକୁ ଉଚ୍ଚ ପ୍ରଶଂସା କଲେ ଇରାନ୍ ରାଷ୍ଟ୍ରପତି ।
- ପେଟ୍ରୋ କେମିକାଲ୍ସ ଉତ୍ପାଦଗୁଡ଼ିକ ଉପରେ ଛାଡ଼ ହୋଇଥିବା ସୀମାଶୁଳ୍କ ସମୟସୀମା ଆସନ୍ତା ୧୫ ତାରିଖକୁ ବୃଦ୍ଧି ।
- ଚଳିତ ବର୍ଷର ଅମରନାଥ ଯାତ୍ରା ପାଇଁ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ପ୍ରସ୍ତୁତି ।

ଏବଂ

- ଭାରତ-ଇଂଲଣ୍ଡ ପୁରୁଷ ବର୍ଗ ଟି-ଟ୍ୱେଣ୍ଟି ପାଞ୍ଚଟିକିଆ ଆନ୍ତର୍ଜାତିକ କ୍ରିକେଟ୍ ସିରିଜ୍‌ର ଆଜି ଖେଳାଯିବ ପ୍ରଥମ ମ୍ୟାଚ୍ ।

# ସେଣ୍ଟର-ଭିଭିଜି ରାମଜି

ବିକଶିତ ଭାରତ – ନିଶ୍ଚିତ ରୋଜଗାର ଏବଂ ଆଜୀବିକା ମିଶନ ଗ୍ରାମୀଣ – ଭିବି ଜି ରାମ ଜି ଆଇନ୍–୨୦୨୫ ଆଜିଠାରୁ ଦେଶବ୍ୟାପୀ କାର୍ଯ୍ୟକାରୀ ହେଉଛି । ଗ୍ରାମୀଣ ବିକାଶ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ଏହି ଆଇନ୍ ଅଧୀନରେ ପ୍ରତ୍ୟେକ ଆର୍ଥିକ ବର୍ଷରେ ୧୨୫ ଦିନର ନିଶ୍ଚିତ କାମ ଯୋଗାଇ ଦିଆଯିବାର ବ୍ୟବସ୍ଥା ରହିଛି । ନିର୍ଦ୍ଧାରିତ ସମୟ ମଧ୍ୟରେ କାମ ଯୋଗାଇ ଦିଆ ନ ଗଲେ ଭତ୍ତା ପ୍ରଦାନ କରାଯିବ । ଚଳିତ ଆର୍ଥିକ ବର୍ଷରେ ଏହି ଯୋଜନାର କାର୍ଯ୍ୟାନ୍ୱୟନ ପାଇଁ ୯୫ ହଜାର ୬୯୨ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ।

ଭିବି-ଜି. ରାମ୍ ଜି. ଆଇନ' ପ୍ରଚଳିତ ୨୦୦୫ ମସିହାର ମହାତ୍ମା ଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ କର୍ମନିଯୁକ୍ତି ଯୋଜନା ପରିବର୍ତ୍ତେ କାର୍ଯ୍ୟକ୍ଷମ ହୋଇଛି । ଗ୍ରାମୀଣ ବିକାଶ ସହିତ ସ୍ଥାନୀୟ ପରିବାରଗୁଡ଼ିକୁ ସଶକ୍ତ କରିବା ଏବଂ ଆର୍ଥିକ ସୁରକ୍ଷା ପ୍ରଦାନ ଭଳି ବ୍ୟବସ୍ଥାମାନ ଏହି ନୂତନ ଆଇନ୍‌ରେ ରହିଛି । ନିର୍ଦ୍ଧାରିତ ସମୟସୀମା, ସ୍ୱଚ୍ଛତା ଏବଂ ଦାୟିତ୍ୱପୂର୍ଣ୍ଣ ମଜୁରୀ ପ୍ରଦାନ ଉପରେ ଏହି ଆଇନ୍‌ରେ ବ୍ୟବସ୍ଥା ରହିଛି ।

ଆଇନ୍‌ର କାର୍ଯ୍ୟାନ୍ୱୟନ ସମ୍ପର୍କରେ ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନ କହିଛନ୍ତି, ଯୋଗ୍ୟ ଗ୍ରାମୀଣ ଶ୍ରମିକଙ୍କୁ କାମ ପ୍ରଦାନ

ଉପରେ ଗୁରୁତ୍ୱ ଦିଆଯାଉଛି । ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକ ସହିତ ଘନିଷ୍ଠ ସମନ୍ୱୟ ରକ୍ଷା କରି ସରକାର ଏହି ଆଇନ୍‌ର କାର୍ଯ୍ୟକାରିତା ନେଇ ପଦକ୍ଷେପ ଗ୍ରହଣ କରିଛନ୍ତି । ସମସ୍ତ ପ୍ରକାର ପ୍ରଶାସନିକ, ଆର୍ଥିକ ଏବଂ ବୈଷୟୀକ ପ୍ରସ୍ତୁତି ଇତିମଧ୍ୟରେ ଶେଷ ହୋଇଥିବା ମନ୍ତ୍ରୀ ଶ୍ରୀ ଚୌହାନ ସୂଚନା ଦେଇଛନ୍ତି । ବିନା ପ୍ରତିବନ୍ଧକରେ ଆଇନ୍‌ର ସଫଳ କାର୍ଯ୍ୟକାରିତା ପାଇଁ ଆର୍ଥିକ ସମ୍ବଳ ଏବଂ ଅନ୍ୟାନ୍ୟ ଆନୁସଙ୍ଗୀକ ବ୍ୟବସ୍ଥା ଗ୍ରହଣ କରାଯାଇଛି ବୋଲି ଶ୍ରୀ ଚୌହାନ କହିଛନ୍ତି । ୨୦୪୭ ବିକଶିତ ଭାରତ ଲକ୍ଷ୍ୟକୁ ଦୃଷ୍ଟିରେ ରଖି ନୂଆ ଆଇନ୍ ପ୍ରଣୟନ କରାଯାଇଛି ।

ଏହି ନୂତନ ଆଇନ୍ ଅଧୀନରେ ସରକାର ବର୍ଦ୍ଧିତ ମଜୁରୀ ମୂଲ୍ୟ ଘୋଷଣା କରିଛନ୍ତି । ଶ୍ରମ ପାଇଁ ପ୍ରତ୍ୟେକ ଦିନର ମଜୁରୀ ବାବଦରେ ୩୨୭ଟଙ୍କା ୪୦ ପଇସା ପ୍ରଦାନ କରାଯିବ । ମନରେଗା ଯୋଜାନା ଅଧୀନରେ ଦିଆଯାଉଥିବା ମଜୁରୀଠାରୁ ଏହା ୧୦ ପ୍ରତିଶତ ଅଧିକ । ତେବେ କେତେକ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ଏହି ନୂତନ ଆଇନ୍ ଅଧୀନରେ ମଜୁରୀକୁ ଆହୁରି ଅଧିକ ବୃଦ୍ଧି କରିଥିବା ସୂଚନା ମିଳିଛି ।

# ପିଏମ୍-ଇରାନ୍ ପ୍ରେସିଡେଣ୍ଟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତକାଲି ଟେଲିଫୋନ୍ ଯୋଗେ ଇରାନ୍‌ର ରାଷ୍ଟ୍ରପତି ଡକ୍ଟର ମାସୁଦ ପେଜେସ୍କିଆନ୍‌ଙ୍କ ସହ ଆଲୋଚନା କରିଛନ୍ତି । ପଶ୍ଚିମ ଏସିଆ ପରିସ୍ଥିତି ନେଇ ସାମ୍ପ୍ରତିକ ପଦକ୍ଷେପଗୁଡ଼ିକ ଉପରେ ରାଷ୍ଟ୍ରପତି ଡକ୍ଟର ପେଜେସ୍କିଆନ୍ ଶ୍ରୀ ମୋଦୀଙ୍କୁ ଅବଗତ କରିଛନ୍ତି । ଆମେରିକା ଏବଂ ଇରାନ୍ ମଧ୍ୟରେ ବୁଝାମଣାକୁ ପ୍ରଧାନମନ୍ତ୍ରୀ ସ୍ୱାଗତ କରିବା ସହ ଏହି ପ୍ରସଙ୍ଗରେ ଭାରତର ଦୃଷ୍ଟିକୋଣ ଉପରେ ଆଲୋକପାତ କରିଛନ୍ତି ।

ସମସ୍ତ ପ୍ରସଙ୍ଗକୁ ଆଲୋଚନା ଏବଂ କୂଟନୈତିକ ମାଧ୍ୟମରେ ସମାଧାନ କରିବା ଉପରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଗୁରୁତ୍ୱ ଦେଇଛନ୍ତି । ସ୍ଥାୟୀ ଶାନ୍ତି ଏବଂ ସ୍ଥିରତାକୁ ସୁନିଶ୍ଚିତ କରିବା ତଥା ନୌଚାଳନା ଓ ବାଣିଜ୍ୟ ସ୍ୱାଧୀନତାକୁ ସୁରକ୍ଷା ଦେବାପାଇଁ ନିରନ୍ତର ପ୍ରୟାସ ଉପରେ ପ୍ରଧାନମନ୍ତ୍ରୀ ଆଲୋକପାତ କରିଛନ୍ତି । ଶାନ୍ତି, ସ୍ଥିରତା ଏବଂ ଆଞ୍ଚଳିକ ସହଯୋଗକୁ ସମର୍ଥନ କରିବାରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କରିଥିବା ପ୍ରୟାସକୁ ଇରାନ୍ ରାଷ୍ଟ୍ରପତି ଡକ୍ଟର ପେଜେସ୍କିଆନ୍ ଉଚ୍ଚ ପ୍ରଶଂସା କରିଛନ୍ତି । ଭାରତରେ ସ୍ଥିତ ଇରାନ୍ ଦୂତାବାସ ଦେଇଥିବା ସୂଚନା ଅନୁଯାୟୀ ଆଲୋଚନା କାଳରେ ଭାରତରେ ବ୍ରିକ୍ସ ଶକ୍ତି ମନ୍ତ୍ରୀଙ୍କ ସଫଳ

ବୈଠକ ଆୟୋଜନ ନେଇ ଡକ୍ଟର ପେଜେସ୍କିଆନ୍ ସନ୍ତୋଷବ୍ୟକ୍ତ କରିଛନ୍ତି ।

ବ୍ରିକ୍ସ ଭଳି ବହୁପକ୍ଷିୟ ମଞ୍ଚ ମାଧ୍ୟମରେ ଇରାନ୍ ଏବଂ ଭାରତ ମଧ୍ୟରେ ଦ୍ୱିପାକ୍ଷିକ ସହଯୋଗ ଏବଂ ସମ୍ପର୍କ ଅଧିକ ବ୍ୟାପକ ହେବ ବୋଲି ଡକ୍ଟର ପେଜେସ୍କିଆନ୍ ଆଶାବ୍ୟକ୍ତ କରିଛନ୍ତି । ଆଲୋଚନାକାଳରେ ଭାରତ ସହ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ଏବଂ ବିଭିନ୍ନ ପ୍ରସଙ୍ଗରେ ଦ୍ୱିପାକ୍ଷିକ ସହଯୋଗ ନେଇ ମାର୍ଗ ଉନ୍ମୁକ୍ତ କରିବାରେ ଇରାନ୍‌ର ଅଙ୍ଗୀକାରବଦ୍ଧତା ଉପରେ ଡକ୍ଟର ପେଜେସ୍କିଆନ୍ ଆଲୋକପାତ କରିଥିଲେ ।

## ଗଭ୍-କଷ୍ଟମ୍ ଡ୍ୟୁଟି

ପଶ୍ଚିମ ଏସିଆରେ ସଂଘର୍ଷ ପରିସ୍ଥିତିକୁ ଦୃଷ୍ଟିରେ ରଖି ପେଟ୍ରୋ କେମିକାଲ୍ ଉତ୍ପାଦ ଗୁଡ଼ିକ ଉପରେ ଛାଡ଼ ହୋଇଥିବା ସୀମା ଶୁଳ୍କକୁ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ପୂର୍ବରୁ ଏହି ଛାଡ଼ ସମୟସୀମା ଗତକାଲି ପର୍ଯ୍ୟନ୍ତ ସୀମିତ ରହିଥିଲା । ଘରୋଇ ବଜାରରେ ପେଟ୍ରୋ କେମିକାଲ୍ସ ଉତ୍ପାଦର ଉପଲବ୍ଧତାକୁ ସୁନିଶ୍ଚିତ କରିବା ଲକ୍ଷ୍ୟ ନେଇ ସରକାର ଏହି ପଦକ୍ଷେପ ଗ୍ରହଣ କରିଛନ୍ତି । ସୀମା ଶୁଳ୍କ ଛାଡ଼ ହୋଇଥିବା ଉତ୍ପାଦଗୁଡ଼ିକର ତାଲିକା ପୂର୍ବରୁ ସରକାର ଘୋଷଣା କରିସାରିଛନ୍ତି । ଦେଶର ଉତ୍ପାଦନ କ୍ଷେତ୍ରକୁ ସହଯୋଗ ପ୍ରଦାନ କରିବା

ଲକ୍ଷ୍ୟରେ ସରକାରଙ୍କ ଅଙ୍ଗୀକାରବଦ୍ଧତାକୁ ଏହା ପ୍ରତିଫଳନ କରୁଛି । ପ୍ଲାଷ୍ଟିକ୍, ପ୍ୟାକେଜିଂ, ବୟନ ଶିଳ୍ପ, ଔଷଧ, ରସାୟନିକ କ୍ଷେତ୍ର, ଅଟୋମୋଟିଭ୍ ସାମଗ୍ରୀ ଏବଂ ଅନ୍ୟାନ୍ୟ ଉତ୍ପାଦନ କ୍ଷେତ୍ର ଏହାଦ୍ୱାରା ସୁଫଳ ପାଇବେ ବୋଲି ଆଶା କରାଯାଇଛି ।

## ଜେକେ-ଅମରନାଥ

ଚଳିତ ବର୍ଷର ଅମରନାଥ ଯାତ୍ରା ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଜାମ୍ମୁ କାଶ୍ମୀରରେ ପ୍ରାୟ ୫୫ ହଜାର ଶ୍ରଦ୍ଧାଳୁଙ୍କ ପାଇଁ ସୁରକ୍ଷିତ ରହଣି ବ୍ୟବସ୍ଥା କରାଯାଇଛି । ତୀର୍ଥ ଯାତ୍ରୀଙ୍କ ପ୍ରଥମ ଦଳ ଆସନ୍ତାକାଲି ଜାମ୍ମୁ ଭଗବତୀ ନଗର ବେଶ୍ କ୍ୟାମ୍ପ୍‌ରୁ ବାହାରିବେ । ଆମ ଜାମ୍ମୁ ସମ୍ବାଦଦାତା ଦେଇଥିବା ସୂଚନା ଅନୁଯାୟୀ ଅମରନାଥ ମନ୍ଦିର ବୋର୍ଡ଼ର ଅଧ୍ୟକ୍ଷ ତଥା ଉପରାଜ୍ୟପାଳ ମନୋଜ ସିହ୍ନା ଭୋର ୪ଟାରେ ପ୍ରଥମ ଦଳର ଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରିବେ । ୫୭ ଦିନିଆ ଏହି ତୀର୍ଥଯାତ୍ରା ଆସନ୍ତା ଶୁକ୍ରବାର ଠାରୁ ଅନନ୍ତନାଗର ପାରମ୍ପରିକ ନନ୍‌ୱାନ୍ – ପହଲଗାମ୍ ଏବଂ ବାଲତାଲ ପଥ ଦେଇ ଯାତ୍ରା କରିବ । ଯାତ୍ରା ପଥରେ ଶ୍ରଦ୍ଧାଳୁଙ୍କର ରହଣୀ, ଖାଦ୍ୟ, ପରିମଳ, ସ୍ୱାସ୍ଥ୍ୟସେବା, ପରିବହନ ଏବଂ ସୁରକ୍ଷା ପାଇଁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି ।

# ଜୟପୁର-ଏନ୍‌ଇଜିସି

୨୯ତମ ଜାତୀୟ ଇ-ଗଭର୍ଣ୍ଣାନ୍ସ ସମ୍ମିଳନୀ ଆଜିଠାରୁ ଜୟପୁରଠାରେ ଆରମ୍ଭ ହେବ । ରାଜସ୍ଥାନର ଆନ୍ତର୍ଜାତିକ କେନ୍ଦ୍ର ଠାରେ ଏହି ଦୁଇଦିନିଆ ସମ୍ମିଳନୀର ଆୟୋଜନ କରାଯାଇଛି । ପ୍ରଶାସନିକ ସଂସ୍କାର ଓ ସାଧାରଣ ଅଭିଯୋଗ ବିଭାଗ, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ଓ ରାଜସ୍ଥାନ ସରକାରଙ୍କ ଦ୍ୱାରା ମିଳିତ ଭାବେ ଏହି ସମ୍ମିଳନୀର ଆୟୋଜନ କରାଯାଇଛି । ବିକଶିତ ଭାରତ ୨୦୪୭, ଏ.ଆଇ. ସକ୍ଷମ, ତଥ୍ୟ ଚାଳିତ ଏବଂ ସୁରକ୍ଷିତ ଡିଜିଟାଲ୍ ପ୍ରଶାସନ ପ୍ରସଙ୍ଗ ଆଧାରରେ ଏହି ସମ୍ମିଳନୀର ଆୟୋଜନ କରାଯାଇଛି । ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବେ । ସମ୍ମିଳନୀ ଅବସରରେ ଜାତୀୟ ଇ-ଗଭର୍ଣ୍ଣାନ୍ସ ପୁରସ୍କାର ପ୍ରଦାନ କରାଯିବ ।

କେନ୍ଦ୍ର କାର୍ମିକ, ସାଧାରଣ ଅଭିଯୋଗ ଓ ପେନ୍‌ସନ୍ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ସମ୍ମିଳନୀରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ମୋଟ୍ ୨ହଜାର ୭୦୦ ପ୍ରତିନିଧି ଏଥିରେ ଅଂଶଗ୍ରହଣ କରୁଛନ୍ତି । ଏକ ହଜାରରୁ ଅଧିକ ଷ୍ଟାର୍ଟଅପ୍ ଏବଂ ୪୦୦ରୁ ଅଧିକ ଶିକ୍ଷାନୁଷ୍ଠାନର ପ୍ରତିନିଧି ଏଥିରେ ଅନ୍ତର୍ଭୁକ୍ତ । ବିଭିନ୍ନ ପ୍ରସଙ୍ଗ ଆଧାରରେ ସମ୍ମିଳନୀ ଅବସରରେ ସ୍ୱତନ୍ତ୍ର ଆଲୋଚନା ଅଧିବେଶନ ଅନୁଷ୍ଠିତ ହେବାର କାର୍ଯ୍ୟସୂଚୀ ରହିଛି ।

# ଇଣ୍ଡିଆ-ତାଞ୍ଜାନିଆ

ଜାଞ୍ଜିବରର ବିକାଶରେ ଭାରତର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ତାଞ୍ଜାନିଆ ରାଷ୍ଟ୍ରପତି ହୁସେନ ଅଲ୍ଲି ଓ୍ୱିନ୍ଓ୍ୱି ଉଚ୍ଚ ପ୍ରଶଂସା କରିଛନ୍ତି । ତାଞ୍ଜାନିଆରେ ଅବସ୍ଥାପିତ ଭାରତର ଉଚ୍ଚାୟୁକ୍ତ ବିଶ୍ୱଦୀପ ଦେ ଗତକାଲି ଷ୍ଟେଟ୍‌ହାଉସ୍ ଠାରେ ରାଷ୍ଟ୍ରପତି ହୁସେନ ଅଲ୍ଲିଙ୍କୁ ସାକ୍ଷାତ କରିଥିଲେ । ଉଚ୍ଚାୟୁକ୍ତ ଶ୍ରୀ ଦେଙ୍କୁ ରାଷ୍ଟ୍ରପତି ସ୍ୱାଗତ କରିବା ସହ ଆଇ.ଆଇ.ଟି. ମାଡ୍ରାସ୍ ମାଧ୍ୟମରେ ଜାଞ୍ଜିବରରେ ନିବେଶ, ବୃତ୍ତିଗତ ତାଲିମ୍ ଏବଂ ନବସୃଜନ ପଦକ୍ଷେପକୁ ଶ୍ରୀ ହୁସେନ ଅଲ୍ଲି ଉଚ୍ଚ ପ୍ରଶଂସା କରିଛନ୍ତି । ଚଳିତ ମାସରେ ଭାରତ ଗସ୍ତରେ ଆସିବା ପାଇଁ ରାଷ୍ଟ୍ରପତି ହୁସେନ ଅଲ୍ଲିଙ୍କୁ ଉଚ୍ଚାୟୁକ୍ତ ଶ୍ରୀ ଦେ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍‌ଙ୍କ ନିମନ୍ତ୍ରଣପତ୍ର ପ୍ରଦାନ କରିଥିଲେ । ଗସ୍ତ ଅବସରରେ ଆଇ.ଆଇ.ଟି. ମାଡ୍ରାସ୍ ପରିଦର୍ଶନ କରିବାକୁ ରାଷ୍ଟ୍ରପତି ଶ୍ରୀ ଅଲ୍ଲିଙ୍କୁ ଅନୁରୋଧ କରାଯାଇଛି ।

# କ୍ରିକେଟ୍

ଭାରତ-ଇଂଲଣ୍ଡ ମଧ୍ୟରେ ପୁରୁଷବର୍ଗ ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ କ୍ରିକେଟ୍ ସିରିଜ୍ ଆଜିଠାରୁ ଆରମ୍ଭ ହେଉଛି । ୫ଟିକିଆ ଏହି ସିରିଜ୍‌ର ପ୍ରଥମ ମ୍ୟାଚ୍ ଆଜି ଚେଷ୍ଟର୍-ଲି-ଷ୍ଟ୍ରିଟ୍‌ର ରିଭର୍‌ସାଇଡ୍ ଗ୍ରାଉଣ୍ଡ ଠାରେ ଖେଳାଯିବ । ଭାରତୀୟ ସମୟ ରାତି ୧୦ଟାରେ ଏହି ମ୍ୟାଚ୍ ଆରମ୍ଭ ହେବ । ଶ୍ରେୟସ୍

ଆୟରଙ୍କର ଅଧିନାୟକତ୍ୱରେ ଭାରତୀୟ ଦଳ ଏହି ସିରିଜ୍ ଖେଳିବାକୁ ଯାଉଛି । ଦଳରେ ବୈଭବ ସୂର୍ଯ୍ୟବଂଶୀ ସାମିଲ ଅଛନ୍ତି । ଆୟରଲାଣ୍ଡଠାରୁ ୨-୦ରେ ଟି-ଟ୍ୱେଣ୍ଟି ସିରିଜ୍ ହାରିବା ପରେ ଲୟକୁ ଫେରିବାକୁ ଭାରତୀୟ ଦଳ ପାଇଁ ଏହା ଏକ ସୁଯୋଗ ବୋଲି ବିବେଚନା କରାଯାଉଛି । ଦ୍ୱିତୀୟ ଟି-ଟ୍ୱେଣ୍ଟି ମ୍ୟାଚ୍ ଶନିବାର ଦିନ ମଞ୍ଚେଷ୍ଟରଠାରେ ଏବଂ ତୃତୀୟ ମ୍ୟାଚ୍ ଆସନ୍ତା ୭ ତାରିଖରେ ନଟିଂହମ୍‌ଠାରେ ଖେଳାଯିବ । ସିରିଜ୍‌ର ଚତୁର୍ଥ ମ୍ୟାଚ୍ ୯ ତାରିଖରେ ବ୍ରିଷ୍ଟଲ୍ ଠାରେ ଏବଂ ପଞ୍ଚମ ମ୍ୟାଚ୍ ୧୧ ତାରିଖରେ ସାଉଥ୍‌ମ୍ପଟନ୍‌ଠାରେ ଖେଳାଯିବ । ଏହି ଗସ୍ତ ଅବସରରେ ଭାରତୀୟ ଦଳ ଇଂଲଣ୍ଡ ବିପକ୍ଷରେ ତିନୋଟି ଦିନିକିଆ ଆନ୍ତର୍ଜାତିକ ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ସ୍ଥିର ହୋଇଛି ।

## ଫିଫା

ଫିଫା ବିଶ୍ୱକପ୍ ଫୁଟବଲ୍ ପ୍ରତିଯୋଗିତାରେ ଆଜି ସକାଳେ ଗ୍ରୁପ୍-୩୨ ପର୍ଯ୍ୟାୟ ମ୍ୟାଚ୍‌ରେ ଫ୍ରାନ୍ସ ସ୍ୱିଡେନ୍‌କୁ ୩-୦ ଗୋଲ୍‌ରେ ପରାସ୍ତ କରିଛି । ଏଥିସହ ଫ୍ରାନ୍ସ ଗ୍ରୁପ୍-୧୬ ପର୍ଯ୍ୟାୟକୁ ଉନ୍ନିତ ହୋଇଛି । ଅନ୍ୟ ମ୍ୟାଚ୍‌ଗୁଡ଼ିକ ମଧ୍ୟରେ ନରୱେ’ ଆଇଭରି କୋଷ୍ଟକୁ ୨-୧ ଗୋଲ୍‌ରେ ପରାସ୍ତ କରିଛି । ଗ୍ରୁପ୍-୧୬ ପର୍ଯ୍ୟାୟ ମ୍ୟାଚ୍‌ରେ ନରୱେ’ ବ୍ରାଜିଲ୍ ବିପକ୍ଷରେ ଖେଳିବ । ଗ୍ରୁପ୍-୩୨ ପର୍ଯ୍ୟାୟ ମ୍ୟାଚ୍‌ଗୁଡ଼ିକ ମଧ୍ୟରେ ଆଜି

ମେକ୍ସିକୋ ଏବଂ ଇକ୍ୱେଡର ମଧ୍ୟରେ ମ୍ୟାଚ୍ ହେବାକୁ ଥିବା ବେଳେ ଇଂଲଣ୍ଡ ଏବଂ କଙ୍ଗୋ ପରସ୍ପରକୁ ଭେଟିବେ । ମରକ୍କୋ, ପାରାଗୁଏ, ବ୍ରାଜିଲ୍ ଏବଂ କାନାଡ଼ା ଗ୍ରୁପ୍-୧୬ ପର୍ଯ୍ୟାୟକୁ ଉନ୍ନିତ ହୋଇଛନ୍ତି ।

## ଆଇଏମ୍ଡି-ୱେଦର୍

ଦିଲ୍ଲୀ, ହରିଆଣା, ଚଣ୍ଡିଗଡ଼ ଏବଂ ପଞ୍ଜାବକୁ ଆସନ୍ତା ୨ ଦିନ ମଧ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଅଗ୍ରସର ହେବା ନେଇ ଭାରତୀୟ ପାଣିପାଗ ବିଭାଗ ଆକଳନ କରିଛି । ମଧ୍ୟପ୍ରଦେଶ, ଛତିଶଗଡ଼, ଝାଡ଼ଖଣ୍ଡ, ବିହାର, ଉତ୍ତରପ୍ରଦେଶ, ହିମାଚଳ ପ୍ରଦେଶ, ଲଦାଖ ଏବଂ ଉତ୍ତରାଖଣ୍ଡର ଅନ୍ୟ ଅଞ୍ଚଳଗୁଡ଼ିକୁ ଗତକାଲି ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପହଞ୍ଚିଥିବାର ପାଣିପାଗ ବିଭାଗ ସୂଚନା ଦେଇଛି । ଓଡ଼ିଶା ସମେତ ଅନ୍ୟ କେତେକ ରାଜ୍ୟରେ ଆଜି ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ଆକଳନ କରିଛି । ତେବେ ଜୁଲାଇ ମାସରେ ଦେଶର ବିଭିନ୍ନ ପ୍ରାନ୍ତରେ ସ୍ୱାଭାବିକଠାରୁ କମ୍ ବର୍ଷା ହେବା ନେଇ ପାଣିପାଗ ବିଭାଗ ଅନୁମାନ କରିଛି ।